# ଦୁଷ୍ପ୍ରାପ୍ୟ ସ୍ୱଚ୍ଛତା

**ଶ୍ରୀ ବିରଞ୍ଚି ନାରାୟଣ କାନୁନ୍‌ଗୋ,**
ବରିଷ୍ଠ ସହାୟକ,
ଦୁର୍ନୀତି ନିବାରଣ ଖଣ୍ଡ, କଟକ

ଏକଦା ରାମକୃଷ୍ଣ ପରମହଂସଙ୍କ ନିକଟକୁ ଜନୈକ ବ୍ୟକ୍ତି ତାଙ୍କର ୧୦/୧୧ ବର୍ଷର ପୁଅକୁ ନେଇ ଯାଇଥିଲେ । ପୁଅଟି ଖୁବ୍ ଚିନି ଖାଉଥିଲା ଏବଂ ଅନେକ ବାରଣ ସତ୍ତ୍ୱ ମଧ୍ୟ ଚିନି ଖାଇବା ଛାଡୁନ ଥିଲା । ତେଣୁ ପୁଅଟି ମାତ୍ରାଧିକ ଚିନି ଖାଇବା କିପରି ଛାଡ଼ିବ ସେଇ ଲକ୍ଷ୍ୟରେ ରାମକୃଷ୍ଣଙ୍କ ନିକଟକୁ ଧାଇଁ ଆସିଥିଲେ । ରାମକୃଷ୍ଣ ଲୋକଟିର ସମସ୍ୟା ବିଷୟରେ ଅବଗତ ହେଲେ ଏବଂ ତାଙ୍କୁ ସାତଦିନ ପରେ ଆସିବାକୁ କହିଲେ । ସାତଦିନ ଅତିକ୍ରାନ୍ତ ହେବାପରେ ଲୋକଟି ପୁଅକୁ ଧରି ପୁଣି ରାମକୃଷ୍ଣଙ୍କ ପାଖକୁ ଆସିଲେ । ରାମକୃଷ୍ଣ ବାଳକଟିକୁ ଉପଦେଶ ଛଳରେ ଅନେକ କଥା ବୁଝାଇଲେ ଏବଂ ଚିନିଖାଇବା ଛାଡ଼ିଦେବାକୁ କହିଲେ । ବଡ ଆଶ୍ଚର୍ଯ୍ୟର କଥା ଯେ ପିଲାଟି ପ୍ରତିଜ୍ଞା କଲା । ଏବଂ ସେଇଦିନଠାରୁ ଚିନି ଖାଇବା ଛାଡିଦେଲା । ପୁଅର ଏଭଳି ଅପ୍ରତ୍ୟାଶିତ ପରିବର୍ତ୍ତନ ଲକ୍ଷ୍ୟ କରି ଲୋକଟି ଖୁବ୍ ଖୁସିହେଲେ । ହେଲେ ତାଙ୍କ ମନରେ ଗୋଟିଏ କଥା ଆନନ୍ଦୋଳିତ ହେଲା ଯେ ରାମକୃଷ୍ଣ ତାଙ୍କୁ ସାତଦିନ ପରେ ଆସିବା ପାଇଁ କାହିଁକି କହିଲେ । ସେ ପୁଣି ରାମକୃଷ୍ଣଙ୍କ ପାଖକୁ ଯାଇ ସାତଦିନପରେ ଆସିବାର ରହସ୍ୟକଥା ଜାଣିବାକୁ ଚାହିଁଲେ ।ରାମକୃଷ୍ଣଙ୍କ ସ୍ମିତହାସ୍ୟ ଦେଇ କହିଲେ ,'' ଦେଖ, ତୁମେ ପୁଅର ସମସ୍ୟା ନେଇ ଯେଉଁ ସମୟରେ ମୋ ପାଖକୁ ଆସିଲ, ସେତେବେଳେ ମୁଁ ମଧ୍ୟ ଖୁବ୍ ମିଠା ଖାଉଥିଲି । ତୁମଠାରୁ ପୁଅ ବାବଦରେ ଅଭିଯୋଗ ଶୁଣି ମଧ୍ୟ ନିଜେ ସମାନ କୁଅଭ୍ୟାସର ଶିକାର ହୋଇ ଥିବାରୁ ତାକୁ ଉପଦେଶ ଦେବାର ସତସାହସ ଜୁଟେଇପାରିଲି ନାହିଁ । ଅବଶ୍ୟ ସେତେବେଳେ ତାକୁ କିଛି ଉପଦେଶ ଦେଇ

ପାରିଥାଆନ୍ତି କିନ୍ତୁ ତା ଉପରେ କିଛି ପ୍ରଭାବ ପଡ଼ିନଥାନ୍ତା କାରଣ ତାକୁ ବୁଝାଇବାର ଦୃଢ଼ତା ମୋ ପାଖରେ ନଥିଲା । ତୁମେ ପୁଅକୁ ନେଇ ଫେରିଯିବାର ଠିକ୍ ପର ମୂହୁର୍ତ୍ତରୁହିଁ ମୁଁ ମିଠା ଖାଇବା ବନ୍ଦ କଲି ଏବଂ ସାତଦିନ ଭିତରେ ସଞ୍ଚିତ ଦୃଢ଼ ମନୋବଳର ଉପଦେଶ ହିଁ ତାର ଚିରାଚରିତ କୁଅଭ୍ୟାସକୁ ଦୂର୍ କରିଦେଇ ପାରିଲା ।

ଆଜି ଆମେ ସମସ୍ତ ଏଇଭଳି ଜଣେ ଜଣେ ମନୁଷ୍ୟ ଯିଏ ନଜେ ମିଠାରେ ବୁଡ଼ିରହି ଅନ୍ୟକୁ ଉପଦେଶ ଦେଇ ଚାଲିଛୁ ମିଠା ନ ଖାଇବା ପାଇଁ । ସରକାର ଗଠନ କରି ବସୁଥିବା ପ୍ରତ୍ୟେକ ଜନ ପ୍ରତିନିଧି ନିଜ ଛାତିରେ ହାତରଖି କୁହନ୍ତୁତ ସେମାନେ କେବେ ଦୁର୍ନୀତି କରିନାହାଁନ୍ତି । ଯେଉଁ ନିରୀହ ଜନସାଧାରଣ ଅନେକ ଆଶା ଏବଂ ବିଶ୍ୱାସକୁ ପୁଞ୍ଜି କରି ତାଙ୍କୁ ନିର୍ବାଚିତ କରି ଶାସନ ଗାଦିରେ ଅଧିଷ୍ଠିତ କରିଥାଆନ୍ତି, ସେମାନେ କଣ କେବେ ତାଙ୍କ ବିଶ୍ୱାସରେ ବିଷ ମିଶେଇ ନାହାଁନ୍ତି ? ରକ୍ତ ପିପାଷୁ ଓଡ଼ଷ ପରି ସେମାନେ କ'ଣ କେବେ ଏ ଘୁମନ୍ତ ସମାଜର ତୁଳିତଳ୍ପ ଶଯ୍ୟାରେ ଆତ୍ମଗୋପନ କରି ଗରୀବ ମୂଲିଆର ଉଷ୍ମଶୋଣିତ ପାନ କରିନାହାଁନ୍ତି? କିଛି ହୁଏତ କହିପାରନ୍ତି ସେମାନେ ଅର୍ଥ ତୋଷରପାତ କରନ୍ତି ନାହିଁ । ନିର୍ମଳ ଭାବମୂର୍ତ୍ତି ନେଇ ଜୀବନଧାରଣ କରନ୍ତି । ହଁ, ହୋଇପାରେ । କିନ୍ତୁ କୁହନ୍ତୁତ ସେମାନେ କ'ଣ କେବେ ନିଜ ପଦ ପଦବୀର ଦୁରୁପଯୋଗ କରନ୍ତି ନାହିଁ । ଯେଉଁ ଭଳି ମଟର ସାଇକେଲ ପଛରେ ଓକିଲବାବୁଙ୍କର ପେଷାର ଚିହ୍ନ ତଥା ପୁଲିସ ବାବୁମାନଙ୍କର ନାଲି, ନୀଳ ଚିହ୍ନ ଭିତରେ ପୁଲିସ ବୋଲି ଲେଖାଥିବା ପରିଚୟ । ଏଭଳି ପରୋକ୍ଷ ପରିଚୟ ପ୍ରଦାନ କ'ଣ ଦୁର୍ନୀତି ଯୁକ୍ତ ନୁହେଁ କି ? ଆଜି ଆମର ଉଚ୍ଚାରଣ ଏବଂ ଆଚରଣ ମଧ୍ୟରେ ସମତା ନାହିଁ । ଆମେ ଭଲ ଭାଷଣ ଦେଇ ଜାଣୁ କିନ୍ତୁ କରୁ ଓଲଟା । ଯେମିତି କୁହାଯାଏ "Do what I say. Do not do what I do" । ଏଭଳି ପ୍ରବଞ୍ଚନା ଏବଂ ଛଳନା କେଉଁଥିପାଇଁ ? ବରଂ ଭଲଥିଲା ପରାଧୀନତା । ଗୋରାଲୋକଙ୍କର ଲାଞ୍ଛନା, ତାଡ଼ନା, ନିର୍ଯ୍ୟାତନା,

ଚାବୁକ୍ ମାଡ଼ଥିଲା ସତ କିନ୍ତୁ ଆମଭିତରେ ଥିଲା ଏକତା,ସଂହତି, ଭାଇଭାଇର ବନ୍ଧନ, କୃତ୍ରତା । କିନ୍ତୁ ହେଲା କଣ ? ଦେଶ ସ୍ୱାଧୀନ ହେଲା । ଦରିଆ ସେ ପାରିର ଗୋରାମାନେ ଦିନେ ଏ ଦେଶ ଛାଡ଼ିଚାଲିଗଲେ । ଭାଙ୍ଗିଗଲା ଆମ ବନ୍ଧନ । ଆରମ୍ଭ ହେଲା ନିଜଭାଇକୁ ନିଜେ କାମୁଡି ଖାଇବାର ପ୍ରତିଯୋଗିତା । ଆଜି ଆମେ ଲୁଣ୍ଠୁଛୁ ନିଜ ପରିବାରର ଭଣ୍ଡାରକୁ । ଜଣେ ଅନ୍ୟ ଜଣଙ୍କର ଅଜ୍ଞତା ତଥା ଅସହାୟତାର ସୁଯୋଗ ନେଇ ଭଣ୍ଡୁଛି । ଲାଞ୍ଚ ନ ଦେଲେ କିଛି ହୋଇ ପାରୁନି । ପଇସା ନ ଦେଲେ ବିଲ୍ ପାଶ୍ ହୋଇପାରୁନି, ସାର୍ଟିଫିକେଟ ମିଳୁନି, ସ୍ୱାସ୍ଥ୍ୟ ସେବା ମିଳୁନି, ଲାଇସେନ୍ସ ମିଳୁନି.......... ଇତ୍ୟାଦି ।

ଦୁର୍ନୀତି, ଦୁର୍ନୀତି, ଦୁର୍ନୀତି । ଆଜି କର୍ମରେ ଦୁର୍ନୀତି, ଧର୍ମରେ ଦୁର୍ନୀତି । ମନ ଦୁର୍ନୀତିଗ୍ରସ୍ତ , କାୟ,ବାକ୍ୟ ମଧ୍ୟ କଳୁଷିତ । ଦୁର୍ନୀତି ରାକ୍ଷସ ସତେ ଯେପରି ତାର କରାଳମୁଖ ବ୍ୟାଦାନ କରି ଏ ମଣିଷ ସମାଜକୁ ଗ୍ରାସ କରିଗଲାଣି । ପ୍ରତ୍ୟକେ କହୁଛନ୍ତି ଆମେ ନିର୍ମଳ, ସ୍ୱଚ୍ଛ, ନିଷ୍ପାପ, ନିରାମୟ । କିନ୍ତୁ ଜାଣତରେ ହେଉ ବା ଅଜାଣତରେ ହେଉ କେତେବେଳେ ଦୁର୍ନୀତି ରାକ୍ଷସର ଉଦରାବଦ୍ଧ ହୋଇ ସାରିଲେଣି ।

ଦୁର୍ନୀତିକୀଟଦ୍ରଂଷ୍ଟ ସମାଜ ଆଜି ଅବକ୍ଷୟମୁଖୀ । ଆବଶ୍ୟକତାଠାରୁ ଅଧିକ ଉପର୍ଜନ କରିବାର ଲାଳସା, ଜନଗହଳି ପୂର୍ଣ୍ଣ ସହରରେ ସୁରମ୍ୟ ଅଟ୍ଟାଳିକା ଗଢ଼ିବାର ଦୁର୍ବାର ବାସନା, ସନ୍ତାନ ସନ୍ତତିଙ୍କୁ ମୋଟା ଅଙ୍କର ଡୋନେସନ୍ ଦେଇ ଘରୋଇ ଆବାସିକ ଶିକ୍ଷାନୁଷ୍ଠାନରେ ପଢ଼ାଇବାର ଅଭିଳାଷ ଏବଂ ସର୍ବୋପରି ପ୍ରାଚୁର୍ଯ୍ୟତା ମାଧ୍ୟମରେ ସମାଜରେ ଗୋଟିଏ ପରିଚୟ ସୃଷ୍ଟି କରିବାର ମୋହରୁ ଜନ୍ମନିଏ ଦୁର୍ନୀତି ।

ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଅର ନୀତିକଥାରେ ଉଇ ଧରିଗଲାଣି ତା' ବଦଳରେ ଅନ୍ୟକୁ ମାରି ନିଜେ ବଞ୍ଚ ଉକ୍ତିଟି ସର୍ବଜନାଦୃତ ହୋଇଗଲାଣି ।

କାହିଁକି ଆଜି ଏ ଦୁର୍ନୀତିରୂପକ ବୃକ୍ଷ କାୟା ମେଲିବାରେ ଲାଗିଛି ? ଗଛରୁ କିଛି ପତ୍ର ଛିଣ୍ଡାଇ ଦେଲେ କିମ୍ବା ଛୋଟ ଡାଳ କିଛି ଭାଙ୍ଗିଦେଲେ ଗଛ କଣ କେବେ ମରିଯାଏ? ସମାଜରେ ବଡ଼ପଣ୍ଡା ବୋଲାଉଥିବା କତିପୟ ଅର୍ଥନ୍ୱଷୀ, ସ୍ୱାର୍ଥାନ୍ଧ ନପୁଂସକ ଯେତେବେଳେ ଏହି ଦୁର୍ନୀତିରୂପୀ ବୃକ୍ଷର ମୂଖ୍ୟ ଗଣ୍ଡି, ସେତେବେଳେ କଣ ଏହି ବୃକ୍ଷର ବିଲୟ ସମ୍ଭବ ? ହୁଏତ କାହାର ସତସାହସ, ଶକ୍ତି ନାହିଁ ସମ୍ପୂର୍ଣ୍ଣ ବୃକ୍ଷର ମୂଳୋତ୍ପାଟନ କରିବକୁ । ଡାଳ ଉପରେ ଠିଆ ହୋଇ ଡାଳକୁ କାଟିବାର ଦୁଃଚେଷ୍ଟା କେହି କଣ କେବେ କରିପାରେ ?

ଯଦି ଯୁଗପରେ ଯୁଗ ଭଗବାନ ସ୍ୱୟଂ ଅବତରି କିମ୍ବା ଅବତାର ପ୍ରେରଣକରି ଧରାଧାମରେ ଦୁଷ୍ଟ ବିନାଶି ଧର୍ମ ସଂସ୍ଥାପନ କରି ଆସୁଛନ୍ତି, ତେବେ ଆସନ୍ତୁ ସେହି ମହିମାମୟ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରିବା ଆଉ ପାପୀକୁ ବିନାଶ ନ କରି ତାର ପାପକୁ ବିନାଶ କରନ୍ତୁ ଯଦ୍ୱାରାକି ଆଗାମୀ ସମାଜ ଦୁର୍ନୀତିମୁକ୍ତ ଏବଂ ସ୍ୱଚ୍ଛ ହେବ ।

***